# aurAkashvani, Sambalpur

## SAMBALPURI NEWS BULLETIN

### 15 August 2025 - 6.47- 6.52 am.

*********************************************

ରାଷ୍ଟ୍ରପତି-ଉଦ୍‌ବୋଧନ        ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ୨୦୪୭ ମସିହାତକ୍ ବର୍‌କସ୍ ବିକଶିତ୍ ଅର୍ଥନୀତି ହେବାର୍ ଦିଗ୍‌କେ ଆଗ୍‌କେ ବଢୁଛେ ଆଉ ଫି' ନାଗରିକ୍ ନିଜର୍ ସର୍ବୋତମ୍ ଦକ୍ଷତା ଅନ୍‌ସାରେ ଇଥି ଯୋଗ୍‌ଦାନ୍ କରୁଛନ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ୭୯ ତମ ସ୍ୱାଧୀନତା ଦିବସ ଆଘୋନୁ ଗଲାକାଏଲ୍ ଦେଶ୍‌ବାସୀଙ୍କର୍ ଉଦ୍ଦେଶ୍ୟଥି ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୦୪୭ ମସିହାତକ୍ ଭାରତ୍ ବିକଶିତ୍ ଅର୍ଥନୀତି ହେବାର୍ ସହେତେ ପୁର୍‌ଥିର୍ ଏ.ଆଇ. ହବ୍ ହେବା ବଲି କହିଛନ୍ । ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନାକେ ନିନ୍ଦା କରିକରି ଭାରତୀୟ ସେନାର୍ ପରାକ୍ରମ୍‌ର ପ୍ରଶଂସା କରିଛନ୍ । ଦେଶର୍ ଭିତିଭୂମି ନିର୍ମାଣ୍, ଡିଜିଟାଲ୍ ଭାରତ୍, ଆତ୍ମ୍‌ନିର୍ଭର୍ ଭାରତ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ରାଷ୍ଟ୍ରପତି କହିଛନ୍ ।

ସ୍ୱାଧୀନତା ଦିବସ୍ ସମାରୋହ        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୯ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଆଏଜ୍ ଦିଲ୍ଲୀର୍ ଐତିହାସିକ ଲାଲ୍‌କିଲ୍ଲାନୁ  ଜାତୀୟ ପତାକା ଉତୋଲନ୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇ ବଛର୍ ସ୍ୱାଧୀନତା ଦିବସ୍‌ର ବିଷେ ହେଉଛେ 'ଆତ୍ମନିର୍ଭର୍ ପଂଚାୟତ୍ ବିକଶିତ ଭାରତ୍‌ର ପରିଚୟ' । ଜନଭାଗିଦାରୀକେ ବଢ଼ାବାର୍ ଉଦ୍ଦେଶ୍ୟ୍‌ଥି ଲାଲ୍‌କିଲ୍ଲା ଠାନେ ଇ ସମାରୋହଥି ଯୋଗ୍ ଦେବାର୍‌କେ ଭିନ୍ ଭିନ୍ ବର୍ଗର୍ ପାଖାପାଖି ୫ ହଜାର୍ ଅତିଥିଙ୍କୁ ନିଉତା ଦିଆଯାଇଛେ । ଗ୍ରାମ୍‌ପଂଚାୟତ୍ ନ ଉନ୍ନତ ଭିତିଭୂମି ସେବା ଆଉ ସାମୂହିକ୍ ପଦକ୍ଷେପ୍ ନେଇକରି ନିଜର୍ ଗୁଟେ ଭିନେ ପରିଚୟ ବନେଇ ପାରିଥିବା ଦେଶର୍ ୨ ଶହ ୧୦ ଝନ୍ ପଂଚାୟତ୍ ପ୍ରତିନିଧିଙ୍କୁ ଇ ଅବ୍‌ସରେ ସମ୍ବର୍ଦ୍ଧିତ୍ କରାଯିବା । ଭୁବ୍‌ନେଶ୍ୱର୍ ମହାତ୍ମା ଗାନ୍ଧୀ ମାର୍ଗ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସ୍ୱାଧୀନତା ଦିବସର୍ ଶୁଭେଚ୍ଛା ଜନେଇକରି ଓଡ଼ିଶାକେ ଦେଶର୍ ବିକଶିତ ଆଉ ଶ୍ରେଷ୍ଠ ରାଜ୍ୟ କର୍‌ବାର୍ ଲାଗି ସଭେ ମିଲିମିଶି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍

ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସଭେ ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଶୌର୍ଯ୍ୟ ପୁରସ୍କାର୍ ଏଆଇଆର୍ ଏକ୍ସ

ଦେଶର୍ ସୁରକ୍ଷା ଲାଗି ଜୀବନ୍ ବାଜି ଲଗେଇଥିବା ବାହାଦୂର୍ ଯବାନ୍ ମାନ୍‌କୁ ଆଏଜ୍ ଶୌର୍ଯ୍ୟ ପୁରସ୍କାର୍ ପ୍ରଦାନ୍ କରାଯିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଶହେ ୨୭ ଝନ୍ ଯବାନ୍‌ଙ୍କୁ ଶୌର୍ଯ୍ୟ ପୁରସ୍କାର୍ ଆଉ ୪୦ ଝନ୍‌କୁ ବିଶିଷ୍ଟ ସେବା ପୁରସ୍କାର୍ ଦେବାର୍‌କେ ଗଲାକାଏଲ୍ ମଞ୍ଜୁର୍ କରିଛନ୍ । ସେଥିର୍‌ଭିତ୍‌ରୁ ୪ ଟା କିର୍ତିଚକ୍ର, ୧୫ ଟା ବୀର ଚକ୍ର, ୧୬ ଟା ଶୌର୍ଯ୍ୟ ଚକ୍ର, ଶୌର୍ଯ୍ୟପୁରସ୍କାର୍‌ଥି ୫୮ ଟା ସେନା ମେଡ଼ାଲ୍, ୬ ଟା ନୌସେନା ମେଡ଼ାଲ୍, ୨୬ ଟା ବାୟୁସେନା ମେଡ଼ାଲ୍ ରହିଛେ ।

ରାଜ୍ୟପାଲ୍ I&PR/CMO

ଘୃଣାକେ ପ୍ରତ୍ୟାଖାନ୍ କରିକରି କରୁଣା, ସହନଶୀଳତା ଆଉ ଏକତାକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ରାଜଭବନ୍ ଠାନେ ଗଲାକାଏଲ୍ ହେଇଥିବା

ବିଭାଜନ୍ ବିଭିଷିକା ସ୍ମୃତି ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ବିଭାଜନର୍ ଯନ୍ତ୍ରଣାନୁ ଶିକ୍ଷା ପାଇକରି ଆଗ୍‌କେ ଶାନ୍ତି ଆଉ ସଦ୍‌ଭାବନା ଦିଗେ ଆଗ୍‌କେ ବଢ଼୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ହେଇଥିବା ବିଭାଜନ୍ ବିଭିଷିକା ସ୍ମୃତି ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତିହାସ୍‌କେ ନାଇଁ ଭୁଲିକରି ଆମେ ସେନୁ ଶିଖ୍‌ବାର୍ ଜରୁରୀ ଆଏ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ       I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ୧୮ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନ୍ମାଷ୍ଟମୀ       ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ପବିତ୍ର ଜନ୍ମାଷ୍ଟମୀ । ପୁରାଣ ଶାସ୍ତ୍ର ଅନ୍‌ସାରେ ଭୁଦୋ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥି ନ ଭଗବାନ ଶ୍ରୀକୃଷ୍ଣ ପୁର୍ଥି ନ ଜନମ୍ ହେଇଥିଲେ । ଶ୍ରୀକୃଷ୍ଣଙ୍କର୍ ପବିତ୍ର ଜନ୍ମ ଉସ୍ବ୍ ସାରା ଦେଶେ ପାଲିତ୍ ହେଉଛେ ।

ପୁରୀ ଶ୍ରୀମନ୍ଦିର୍ ନ ଜନ୍ମାଷ୍ଟମୀ ଲାଗି ଜବର୍ ତୟାରି ହେଇଛେ । ଇଥିର୍‌ଲାଗି ସଞ୍ଜ୍‌ବେଲର୍ ୭ ନୁ ରାତିର୍ ୧୨ ବଜେତକ୍ ଶ୍ରୀମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ।

ଉପମୁଖ୍ୟମନ୍ତ୍ରୀ- ମିଶନ୍ ଶକ୍ତି I&PR

ଦିବ୍ୟାଙ୍ଗ ମାନ୍‌କର୍ ସଫଲତାର୍ କାହାନୀ ଆମର୍ ସମ୍‌କର୍ ଲାଗି ପ୍ରେରଣା ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ଠାନେ ଗଲାକାଏଲ୍ ଦିବ୍ୟାଙ୍ଗ ମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦିବ୍ୟାଙ୍ଗ ମହିଳାମାନ୍‌କର୍ ଆର୍ଥିକ୍ ଆଉ ସାମାଜିକ୍ ସୁରକ୍ଷାର୍ ଦାୟିତ୍ୱ ସର୍‌କାର୍‌ଙ୍କର୍ ଆଏ ବଲି କହିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ସବୁ ପର୍ଯ୍ୟଟନ୍ ସ୍ଥଲୀକେ ଦିବ୍ୟାଙ୍ଗ ଅନୁକୂଳ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦୂରଦର୍ଶନ୍-ସମ୍ବଲ୍‌ପୁରୀ ସମାଚାର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାଧୀନତା ଦିବସ୍ ଶୁଭ ଅବ୍‌ସରେ ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ଆଏଜ୍ ସମ୍ବଲ୍‌ପୁରୀ ସମାଚାର୍ ପ୍ରସାରଣ୍ ମୁଲ୍ ହେବା । ସଖାଲ୍‌ବେଲା ୧୧ ବଜେନୁ ୧୧ ବାଜିକରି ୧୫ ମିନିଟ୍‌ତକ୍ ସମ୍ବଲ୍‌ପୁରୀ ଭାଷାରେ ଡିଡି ଓଡ଼ିଆଥି ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ଦିନର୍ ସାଢ଼େ ୧୦ ବଜେ ଶୁଭାରମ୍ଭ କାର୍ଯ୍ୟକ୍ରମ୍ ଆରମ୍ଭ କରାଯିବା ।

ନାରୀ ସୁରକ୍ଷା ସଚେତନତା    ନୂଆପଡ଼ା/ସମ୍ବଲପୁର  ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କର୍ମକ୍ଷେତ୍ର ନ ଯୌନ ନିର୍ଯ୍ୟାତନା ନିରୋଧୀ ଆଇନ୍ ଉପ୍‌ରେ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ସୁଧାଂଶୁ କୁମାର୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ଯୌନ ନିର୍ଯ୍ୟାତନା ନିରୋଧୀ ଆଇନ୍ ବାବ୍‌ଦେ ବୁଝେଇଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି ତର୍‌ଫୁ ନାରୀ ସୁରକ୍ଷା ସଚେତନତା ଅଭିଯାନ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ ଉପକୂଳ ନ ସୃଷ୍ଟି ହେଇଥିବା ଲଘୁଚାପ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ବର୍ଷା ଲାଗି ରହିଛେ । ଆଏବା ୧୯ ଆର୍ ୨୭ ତାରିଖ୍ ଆଉ ୨ ଟା ଲଘୁଚାପ୍ ହେଇପାରେ । ଇତାର୍ ପ୍ରଭାବ୍‌ଥି ରାଏଜେ ଆହୁରି ଜବର୍ ଜବର୍ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।